CAREERINDIA

**Lang. Code : 14**

इस पुस्तिका में **20** पृष्ठ हैं ।
This booklet contains **20** pages.

# AAT-20-I

**प्रश्न-पत्र I / PAPER I**
**उड़िया भाषा परिशिष्ट**
**Odia Language Supplement**
**भाग IV & V / PART IV & V**

परीक्षा पुस्तिका संकेत
**Test Booklet Code**

**I**

परीक्षा पुस्तिका संख्या
**Test Booklet No.**

**इस परीक्षा पुस्तिका को तब तक न खोलें जब तक कहा न जाए ।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20)पर दिए निर्देशों को ध्यान से पढ़ें ।**
**Read carefully the Instructions on the Back Cover (Page 19 & 20) of this Test Booklet.**

**उड़िया में निर्देशों के लिए इस पुस्तिका का पृष्ठ 2 देखें । / For instructions in Odia see Page 2 of this Booklet.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो या तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I, II, III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत** है **I** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ट प्रश्न हैं, जो प्रत्येक 1 अंक का है :
   भाग-IV : भाषा I - (उड़िया) (प्र. 91 से प्र. 120)
   भाग-V : भाषा II - (उड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Parts I, II, III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is **I**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language I - (Odia) (Q. 91 to Q. 120)
   Part-V : Language II - (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :
अनुक्रमांक : (अंकों में) ____________________
Roll Number : in figures
: (शब्दों में) ____________________
: in words
परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :
परीक्षार्थी के हस्ताक्षर : ____________ निरीक्षक के हस्ताक्षर : ____________
Candidate's Signature : Invigilator's Signature :
Facsimile signature stamp of
Centre Superintendent ____________________

**I**

www.careerindia.com

CAREERINDIA



**Lang. Code : 14**

# AAT-20-I

ପରୀକ୍ଷା ପୁସ୍ତକ କୋଡ

**I**

ଏହି ପୁସ୍ତକରେ **20** ପୃଷ୍ଠା ଅଛି ।

## ପ୍ରଶ୍ନପତ୍ର I
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।

ପ୍ରଶ୍ନପତ୍ରର ପଚ୍ଛପୃଷ୍ଠାରେ (ପୃଷ୍ଠା **19 & 20**) ଦିଆଯାଇଥିବା ନିର୍ଦ୍ଦେଶ ଭଲ ଭାବରେ ପଢ଼ନ୍ତୁ ।

ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀ I, II, III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **I** । ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା-2**ରେ ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫ୍‌କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ (ବଡ ଅକ୍ଷରରେ ଲେଖନ୍ତୁ) : ______________________

ରୋଲ୍ ନମ୍ବର : ଅଙ୍କରେ ଲେଖନ୍ତୁ ______________________

: ଶବ୍ଦରେ ଲେଖନ୍ତୁ ______________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ______________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of

Centre Superintendent : ______________________

www.careerindia.com

ପରୀକ୍ଷାର୍ଥୀ **ଭାଷା – I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – IV** ରେ **(ପ୍ରଶ୍ନ ସଂଖ୍ୟା 91-120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV [Q. No. 91 – 120],** if they have opted **ODIA** as **LANGUAGE – I** only.

www.careerindia.com

CAREERINDIA



ଭାଗ – IV

ଭାଷା – I

ଓଡ଼ିଆ

ପରୀକ୍ଷାର୍ଥୀ ଭାଷା – I ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – IV ରେ (ପ୍ରଶ୍ନ ସଂଖ୍ୟା 91-120) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

**ନିମ୍ନ ଗଦ୍ୟାଂଶଟି ପାଠକରି ପ୍ରଶ୍ନ ସଂଖ୍ୟା 91 ରୁ 99 ର ଉତ୍ତର ପ୍ରଦାନ କର ।**

"ଏକ ସମୟରେ ଚାହିଁଲେ ସମସ୍ତେ ଏହି ନବାଗତ ଶକ୍ତିଆଡ଼କୁ । ସେତେବେଳେ ପୁଣି ଉଠିଲା ସ୍ୱର ଆଧୁନିକତାର । 'ପ୍ରଗତିଶୀଳ', 'ବାମପନ୍ଥୀ', 'ଆଧୁନିକ', ଏସବୁ ବିଶେଷଣ ବ୍ୟବହୃତ ହେଲା ସାହିତ୍ୟ ତଥା ଅନ୍ୟ କ୍ଷେତ୍ରରେ । ଏପରି ଭାବରେ ସେସବୁ ବ୍ୟବହୃତ ହେଲା ଯେ, ଶେଷରେ ପ୍ରଗତି ବା ଆଧୁନିକତାର ଅର୍ଥ ଦୁର୍ବୋଧ ହେଲା । ଏ ସମସ୍ତ ପ୍ରକାର ଆଧୁନିକତାର ଉତ୍ତାଳ ତରଙ୍ଗରେ ପାଶ୍ଚାତ୍ୟ ଦେଶମାନ ଯେପରି ବିକ୍ଷୋଭିତ ହୋଇଛନ୍ତି, ଭାରତ ମଧ୍ୟ ସେହିପରି ହେଉ ବୋଲି ଅନେକେ ଇଚ୍ଛା କଲେ ଓ କରୁଛନ୍ତି । କୌଣସି ଇଚ୍ଛା ବଳବତୀ ନ ହେଲେ, ତାହା ବିଚାର ବିଭ୍ରାଟ ଘଟାଇଥାଏ । ଫଳରେ ଇଚ୍ଛା ଓ ବାସ୍ତବତା ମଧ୍ୟରେ ପ୍ରଭେଦ ବାରିବାରେ ମନୁଷ୍ୟ ଅସମର୍ଥ ହୁଏ । ଶେଷରେ ଇଚ୍ଛା, ଇଚ୍ଛାରେ ହିଁ ରହିଯାଏ ଓ ବାସ୍ତବତା ତା'ର ସ୍ୱାଭାବିକ ଗତିରେ ଚାଲିଥାଏ । ଏହାହିଁ ଘଟିଚି ଭାରତବର୍ଷ ପକ୍ଷରେ ।

ଭାରତବର୍ଷରେ ଆଧୁନିକତା କିପରି କାର୍ଯ୍ୟ କରୁଛି ଦେଖାଯାଉ । ବହୁ ସହସ୍ର ବର୍ଷପରେ ଭାରତ ଏକ ରାଷ୍ଟ୍ର ହେଲା ଏବଂ ବହୁ ଶତବର୍ଷ ପରେ ଭାରତ ସ୍ୱାଧୀନ ହେଲା । ସ୍ୱାଧୀନତା ଭାରତ ପକ୍ଷରେ ଏକ ଅତି ଆଧୁନିକ ଘଟଣା; କିନ୍ତୁ ସ୍ୱାଧୀନ ଭାରତର ପ୍ରତୀକ ନିର୍ଣ୍ଣୟ କରିବାପାଇଁ ଭାରତକୁ ପ୍ରାୟ ପଚିଶ ଶହ ବର୍ଷ ପଛକୁ ଫେରିବାକୁ ପଡ଼ିଲା ଅଶୋକଚକ୍ରକୁ ବାହାର କରିବାପାଇଁ । ବହୁ ସହସ୍ର ବର୍ଷ ପୂର୍ବେ ତିନୋଟି ସିଂହ ଉପରେ ସ୍ଥାପିତ ବୁଦ୍ଧଙ୍କର ଧର୍ମଚକ୍ର ହେଲା ସ୍ୱାଧୀନ ଭାରତର ଆଧୁନିକ ପ୍ରତୀକ । ସାରନାଥରେ ବୁଦ୍ଧ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ । ଅଶୋକ ହିଂସାର ଯୁଦ୍ଧ ପରିତ୍ୟାଗକରି ଧର୍ମଚକ୍ରର ଆଦର୍ଶ ଗ୍ରହଣ କଲେ । ଯୁକ୍ତି ଛଳରେ କୁହାଯାଇପାରେ ଯେ, ଭାରତ ସେହି ଆଦର୍ଶ ସ୍ୱାଧୀନତା ପରେ ଗ୍ରହଣ କଲା; କିନ୍ତୁ ଏ ଆଦର୍ଶଟି ଅତି ପୁରାତନ । ସ୍ୱାଧୀନତା ପରେ ପରେ ପ୍ରଦେଶ ବିଶେଷଙ୍କର ନାମସବୁ ଯେପରି ପଛକୁ ଫେରିଲା; ଯଥା–ସୌରାଷ୍ଟ୍ର, ବିଦର୍ଭ, ମହାରାଷ୍ଟ୍ର, ଆନ୍ଧ୍ର ଇତ୍ୟାଦି । ସେଥିରୁ ମନେ ହେଲା–ଯେପରି ପ୍ରାଚୀନ ପୁରାଣଯୁଗ ଫେରି ଆସିଛି"

**91. କେତେବେଳେ ଆଧୁନିକତାର ସ୍ୱର ଉଠିଲା ?**

(1) ଯେତେବେଳେ ଆବଶ୍ୟକ ପଡ଼ିଲା

(2) ଯେତେବେଳେ ନବାଗତ ଶକ୍ତିର ଆବଶ୍ୟକତା ଦେଖାଦେଲା

(3) ଯେତେବେଳେ ଆଧୁନିକତାର ଗୁରୁତ୍ୱ ବଢ଼ିଲା

(4) ଯେତେବେଳେ ପାଶ୍ଚାତ୍ୟ ଦେଶରେ ବିକ୍ଷୋଭ ସୃଷ୍ଟି ହେଲା

www.careerindia.com

CAREERINDIA



**92.** ଗଦ୍ୟାଂଶରେ ବ୍ୟବହୃତ ଶବ୍ଦ ମଧ୍ୟରୁ 'ସୁବୋଧ' ଶବ୍ଦର ବିପରୀତାର୍ଥକ ଶବ୍ଦଟି କ'ଣ ?

(1) ନବାଗତ

(2) ଦୁର୍ବୋଧ

(3) ଅସମର୍ଥ

(4) ପ୍ରବର୍ତ୍ତନ

**93.** "ପ୍ରଗତିଶୀଳ"ର ଅର୍ଥ କ'ଣ ?

(1) ଅଗ୍ରଗାମୀ

(2) ନୂତନ

(3) ପ୍ରଗତି

(4) ପ୍ରସାରିତ

**94.** ଲେଖକଙ୍କ ମତରେ କେଉଁଥିପାଇଁ ବିଭ୍ରାଟ ସୃଷ୍ଟି ହୋଇଥାଏ ?

(1) ନୂତନ ଆଦର୍ଶ ଗ୍ରହଣ କଲେ

(2) କୌଣସି ଇଚ୍ଛା ବଳବତୀ ନ ହେଲେ

(3) ଆଧୁନିକତାର ପ୍ରବେଶ ଫଳରେ

(4) ପ୍ରଦେଶ ମାନଙ୍କର ପ୍ରାଚୀନ ନାମକରଣ କରାଗଲେ

**95.** ସ୍ୱାଧୀନ ଭାରତର ଆଧୁନିକ ପ୍ରତୀକ କ'ଣ ?

(1) ତ୍ରିରଙ୍ଗା

(2) ଖଦୀପୋଷାକ

(3) ବୁଦ୍ଧ ଧର୍ମଚକ୍ର

(4) ନୂତନତା

**96.** କେଉଁ କାରଣରୁ ପ୍ରାଚୀନ ପୁରାଣଯୁଗ ଫେରି ଆସିଥିବା କଥା କୁହାଯାଏ ?

(1) ସ୍ୱାଧୀନତା ପରେ ପ୍ରଦେଶର ନାମକରଣ

(2) ଅଶୋକଚକ୍ର ବାହାର କରିବାର ପ୍ରଚେଷ୍ଟା

(3) ଇଚ୍ଛା ଓ ବାସ୍ତବତା ମଧ୍ୟରେ ପ୍ରଭେଦ ଜାଣିବାର ପ୍ରଚେଷ୍ଟା

(4) ଅଶୋକ ହିଂସା ପରିତ୍ୟାଗ କରି ଧର୍ମଚକ୍ରର ଆଦର୍ଶ ଗ୍ରହଣ କଲେ ।

**97.** "ସ୍ୱାଧୀନ ଭାରତର ପ୍ରତୀକ" – ରେଖାଙ୍କିତ ଶବ୍ଦଟିରେ କେଉଁ ବିଭକ୍ତି ଚିହ୍ନର ପ୍ରୟୋଗ ରହିଛି ?

(1) ଦ୍ୱିତୀୟା

(2) ଚତୁର୍ଥୀ

(3) ଷଷ୍ଠୀ

(4) ସପ୍ତମୀ

**98.** "ପ୍ରଗତିଶୀଳ" – ଏହା କେଉଁ ଧରଣର ଶବ୍ଦ ?

(1) ବିଶେଷ୍ୟ ପଦ

(2) ବିଶେଷଣ ପଦ

(3) କ୍ରିୟାବିଶେଷଣ ପଦ

(4) ସମ୍ବୋଧନ ପଦ

**99.** ଲେଖକ ଭାରତ ନିମନ୍ତେ କାହାକୁ ଏକ ଆଧୁନିକ ଘଟଣା କହିଛନ୍ତି ?

(1) ନବାଗତ ଶକ୍ତିର ଆଗମନ

(2) ପାଶ୍ଚାତ୍ୟ ଦେଶର ପ୍ରଭାବ

(3) ଦେଶରେ ବିକ୍ଷୋଭ ପ୍ରଦର୍ଶନ

(4) ଆମ ଦେଶର ସ୍ୱାଧୀନତା

www.careerindia.com

CAREERINDIA



ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100 – 105 ର ଉତ୍ତର ପ୍ରଦାନ କର ।

ଏମନ୍ତେ ଦେବୀ ଆଗେ କହି । ରୁଦ୍ର ରହିଲେ ଆମ୍ଭ ଧାୟି ।।
ମନେ ଚିନ୍ତନ୍ତି ବିଶ୍ୱନାଥ । ନ ପୁଣ ହୁଏ ବିପରୀତ ।।
ମୋ ପତ୍ନୀ ପିତାଘର ଗଲେ । ପ୍ରାଣ ଏ ନ ରଖିବ ଭଲେ ।।
ଏହାର ମନ ସ୍ଥିର ନାହିଁ । ନ ଗଲେ ନ ଧରିବ ଦେହୀ ।।
ଏମନ୍ତ ଚିତ୍ତେ ଚିନ୍ତି ହର । କେବେହେଁ ନୁହେଁ ମନ ସ୍ଥିର ।।
ଚିନ୍ତା ବିକଳେ ବିଶ୍ୱପତି । ନିଜ ଗଣଙ୍କୁ ଚିତ୍ତେ ଚିନ୍ତି ।।
ଏହାର ସଙ୍ଗେ ଥିବି ମୁହିଁ । ରୁଦ୍ରଗଣଙ୍କୁ ସଙ୍ଗେ ନେଇ ।।
ଏମନ୍ତେ ଚିନ୍ତା କରୁ କରୁ । ଦେବୀ ଉଠିଲେ ନିଜ ଘରୁ ।।
ନୟନେ ପୂରେ ଅଶ୍ରୁଜଳ । କେବେହେଁ ନୁହେଁ ମନ ସ୍ଥିର ।।
ଶରୀର କମ୍ପେ ଦୁଃଖ ବିତ୍ତେ । କଦଳୀବନ ଯେହ୍ନେ ବାତେ ।।
ନିଃଶ୍ୱାସ ବହେ ଖରତର । ଶୁଖିଲା ସୁରଙ୍ଗ ଅଧର ।।
ଅଧୋବଦନେ ମନଦୁଃଖୀ । ଉଠିଲେ ସ୍ୱାମୀଙ୍କୁ ଉପେକ୍ଷି ।।
ଧୀରେ ଚଳନ୍ତେ ରୋଷଭରେ । ଅବନୀ କମ୍ପେ ପାଦଭରେ ।।
ପିତା ଭୁବନେ ଦେବୀ ଯାନ୍ତେ । ପଛେ ଚଳନ୍ତି ଗଣଯୂଥେ ।।
ଶତସହସ୍ର ରୁଦ୍ରଗଣ । ନିକଟେ ମିଳିଲେ ତକ୍ଷଣ ।।
ସତୀଙ୍କୁ ବୃଷଭେ ବସାଇ । ସର୍ବେ ଧାଇଁଲେ ସଜହୋଇ ।।

100. ଏଠାରେ 'ଦେବୀ' କାହାକୁ କୁହାଯାଇଛି ?

(1) ସରସ୍ୱତୀଙ୍କୁ
(2) ଧରିତ୍ରୀକୁ
(3) ଅବନୀକୁ
(4) ସତୀଙ୍କୁ

101. "ମୋ ପତ୍ନୀ ପିତାଘର ଗଲେ" – କାହାର ପତ୍ନୀ କଥା କୁହାଯାଇଛି ?

(1) ବିଶ୍ୱନାଥଙ୍କର
(2) କବିଙ୍କର
(3) ସାଧାରଣ ମଣିଷର
(4) ବିଷ୍ଣୁଙ୍କର

102. "ସୁରଙ୍ଗ" ଶବ୍ଦର ଅର୍ଥ କ'ଣ ?

(1) ଧବଳ
(2) ପାଦ
(3) ନାଲି
(4) ନୟନ

103. "ଅଧୋବଦନେ" କହିଲେ କ'ଣ ବୁଝାଇଥାଏ ?

(1) ଉଲ୍ଲାସ ଭାବ ପ୍ରକାଶ
(2) ତଳକୁ ମୁହଁ କରିବା
(3) ବଦନର ଅର୍ଦ୍ଧେକ
(4) ଉପେକ୍ଷା କରିବା

104. କବିତାଂଶଟିରେ ଥିବା କେଉଁ ଶବ୍ଦର ଅର୍ଥ "ପୃଥିବୀ" ହେବ ?

(1) ଭୁବନ
(2) ଅବନୀ
(3) ଦେହୀ
(4) ଯୂଥେ

105. ଶରୀରକୁ କାହା ସହିତ ତୁଳନା କରାଯାଇଛି ?

(1) ପବନ
(2) ରୁଦ୍ର
(3) କଦଳୀବନ
(4) ମନ

www.careerindia.com

CAREERINDIA



**ନିର୍ଦ୍ଦେଶ :** ଉପଯୁକ୍ତ ଉତ୍ତର ବାଛି ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।

**106. ଏଥିମଧ୍ୟରୁ କେଉଟି ବ୍ୟାକରଣ ପଢାଇବାରେ ଅଧିକ ଉପଯୋଗୀ ହୋଇଥାଏ ?**

(1) ଉପଯୁକ୍ତ ଉଦାହରଣ ଦେଇ ବ୍ୟାକରଣର ନିୟମ ଶିଖାଇବା ।

(2) ପାଠ୍ୟର ଅନୁବାଦ କରିବାବେଳେ ବ୍ୟାକରଣ ଶିଖାଇବା ।

(3) ନିର୍ଦ୍ଧାରିତ ବ୍ୟାକରଣ ପୁସ୍ତକର ସହାୟତାରେ ବ୍ୟାକରଣ ଶିଖାଇବା ।

(4) ପରିସ୍ଥିତିର ଉପଯୋଗକରି ବ୍ୟାକରଣ ଶିକ୍ଷା ଦେଲେ ନୂତନ ନିୟମର ଆବିଷ୍କାର ସମ୍ଭବ ।

**107. "ସାମାଜିକ ଆଦାନପ୍ରଦାନ" ତଥ୍ୟସହିତ କାହାର ନାମ ଯୋଡ଼ା ଯାଇପାରେ ?**

(1) ପାଣିନୀ (Panini)

(2) ସ୍କିନର (Skinner)

(3) ୟୋଗୋସ୍କି (Vygotsky)

(4) କୋଲବର୍ଗ (Kohlberg)

**108. ଏଥିମଧ୍ୟରୁ କେଉଁଟି ଶିଶୁକୁ ଭାଷା ଆହରଣ କରିବାରେ ସହାୟକ ହୋଇଥାଏ ?**

(1) ଘରୋଇ ପରିବେଶ ଯେଉଁଠାରେ ଶିଶୁ ବିଶେଷ କିଛି କହିବାର ସୁଯୋଗ ପାଇନଥାଏ ।

(2) ବଡ଼ ମାନଙ୍କଠାରୁ ଏବଂ ପରିବେଶରୁ ଅନ୍ୟମାନଙ୍କ କଥା ଶୁଣିବା ।

(3) ଶିଶୁମାନଙ୍କୁ ଶୁଦ୍ଧ ବାକ୍ୟ ଅଭ୍ୟାସ କରିବାପାଇଁ ବାରମ୍ବାର କହିବାକୁ ନିର୍ଦ୍ଦେଶ ଦେବା ।

(4) ଅନ୍ୟ ପିଲାମାନଙ୍କ ସହିତ ଖେଳିବାର ସୁଯୋଗ ଦେବା

**109. ପିଲାମାନେ ନିଜ ଚେଷ୍ଟାରେ ଭାଷା ଆହାରଣ କରିଥାନ୍ତି ଯେତେବେଳେ ସେମାନଙ୍କୁ ____ ସହିତ ପରିଚିତ କରାଯାଇଥାଏ ।**

(1) ଏକ ସମୟରେ କେବଳ ଗୋଟିଏ ଭାଷାଶିକ୍ଷା

(2) ପରିବେଶରେ ପ୍ରଚଳିତ ଥିବା ଏକରୁ ଅଧିକ ଭାଷା ଶିକ୍ଷା

(3) ଇଲେକ୍ଟ୍ରୋନିକ୍ ଓ ଗଣ ମାଧ୍ୟମ

(4) ସେ ଭାଷାର ବ୍ୟାକରଣ ନିୟମ

www.careerindia.com

CAREERINDIA



110. ଏକ ପାଠ୍ୟ ପଠନ ନିମନ୍ତେ ଏଥି ମଧ୍ୟରୁ କେଉଁଟି ମୁଖ୍ୟ ?

(1) ପାଠ୍ୟର ପ୍ରତ୍ୟେକ ଶବ୍ଦ ପଠନ କରିବା

(2) ବିରାମଚିହ୍ନ ଉପରେ ଗୁରୁତ୍ୱାରୋପ କରିବା

(3) ଲିଖିତ ପାଠ୍ୟର ଅର୍ଥ ଜାଣିବା

(4) ଶୁଦ୍ଧ ଉଚ୍ଚାରଣସହିତ ଉଚ୍ଚ ସ୍ୱରରେ ପଠନ କରିବା

111. ଏଥିମଧ୍ୟରୁ କେଉଁଟି ଭାଷା ଶିକ୍ଷାର ଲକ୍ଷ୍ୟ ନୁହେଁ ?

(1) ପଠନ ଓ ବୋଧନରେ ଦକ୍ଷତା ବୃଦ୍ଧି କରିବା

(2) ଗୁରୁତ୍ୱ ପ୍ରଦାନ କରି ଧାରଣାର ପ୍ରକାଶ କରିବା

(3) ଶୁଣିଥିବା କଥା ବୁଝିବାର ଦକ୍ଷତା ବୃଦ୍ଧି କରିବା

(4) ଯୁକ୍ତିସଂଗତ ଲିଖନ ଦକ୍ଷତାର ବୃଦ୍ଧି କରିବା

112. ଧ୍ୱନିତାତ୍ତ୍ୱିକ ଜ୍ଞାନ କାହା ସହ ସଂପୃକ୍ତ ?

(1) ଶ୍ରବଣ ଦକ୍ଷତା

(2) କଥନ ଦକ୍ଷତା

(3) ପଠନ ଦକ୍ଷତା

(4) ଲିଖନ ଦକ୍ଷତା

113. ନୋମ୍ ଚମସ୍କି ବିଶ୍ୱାସ କରନ୍ତି ଯେ – ଶିଶୁର ଭାଷା ନିମନ୍ତେ ଏକ ଅନ୍ତର୍ନିହିତ ____ ଥାଏ :

(1) ଆହରଣ

(2) ଅନୁକରଣ

(3) ପରିବର୍ତ୍ତନ

(4) ଅନୁବାଦ

114. ଭାଷା କୌଶଳ ____ ଭାବରେ ଶିକ୍ଷା କରାଯାଏ ।

(1) ଅନୁକରଣଦ୍ୱାରା

(2) ଏକାକିତ୍ୱ ଅବସ୍ଥାରେ

(3) ତନ୍ନତନ୍ନ ବ୍ୟାଖ୍ୟା ଦ୍ୱାରା

(4) ସଂଗଠିତ ଭାବେ

115. ଜଣେ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଶିକ୍ଷା ଆରମ୍ଭରେ ଚିତ୍ର ଅଙ୍କନ କରି ତାକୁ ରଂଗ କରିବାକୁ କୁହନ୍ତି । ଏହାଦ୍ୱାରା ସେ କ'ଣ କରିବାକୁ ଚାହାନ୍ତି ?

(1) ଶ୍ରେଣୀକକ୍ଷରେ ନୀରବତା ରକ୍ଷାପାଇଁ ଶିକ୍ଷାର୍ଥୀଙ୍କୁ କାମରେ ଲଗାଇବା

(2) ସେମାନଙ୍କର ସୁକ୍ଷ୍ମ ମୋଟର ସ୍କିଲ୍ (motor skill) ବୃଦ୍ଧି କରାଇବା

(3) ଶିଶୁ କଳାକାର ସୃଷ୍ଟିହେବାର ସୁଯୋଗ ଦେବା

(4) କୌଣସି ଏକ କାର୍ଯ୍ୟରେ ଶିକ୍ଷାର୍ଥୀଙ୍କୁ ନିବୃତ କରାଇବା

www.careerindia.com

116. ମୌଖିକ ଭାଷା କୌଶଳ ବୃଦ୍ଧି କରାଇବାରେ ଏଥିମଧ୍ୟରୁ କେଉଁ ଅଭ୍ୟାସ ଅଧିକ ଉପଯୋଗୀ ହୋଇପାରେ ?

(1) ପୃଥକ ଭାବରେ ଏବଂ ସମବେତ ଭାବରେ କବିତାର ଆବୃତ୍ତି କରିବା

(2) 'ରୋଲ୍ ପ୍ଲେ' ରେ ଅଂଶଗ୍ରହଣ କରାଇବା

(3) ପାଠ୍ୟର ଏକ ଅଂଶକୁ ଶିକ୍ଷକ ପଠନ କରିବାପରେ ସମବେତ ଭାବରେ ଶିକ୍ଷାର୍ଥୀଙ୍କୁ ପଠନ କରିବାକୁ କହିବା

(4) ଶିକ୍ଷକ ଶୁଦ୍ଧ ଭାବରେ ଶବ୍ଦଟିକୁ ଉଚ୍ଚାରଣ କରିବା ପରେ ସମବେତ ଭାବରେ ଶିକ୍ଷାର୍ଥୀଙ୍କୁ ଉଚ୍ଚାରଣ କରିବାକୁ କହିବା

117. ତୃତୀୟ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷକ ଏକ ଗଳ୍ପକୁ କ୍ରମାନୁସାରେ କହିବାକୁ ଶିକ୍ଷାର୍ଥୀଙ୍କୁ କହିଲେ ଏ ପ୍ରକାର କାର୍ଯ୍ୟ କେଉଁଥିରେ ସାହାଯ୍ୟ କରିଥାଏ ?

(1) ବୋଧତଥ୍ୟର ପଠନ

(2) ବୋଧଗମ୍ୟ ଇନ୍‌ପୁଟ୍

(3) ସେମାନଙ୍କର ଲିଖନ କୌଶଳ ବୃଦ୍ଧି

(4) କଥନ ସମୟରେ ବୃଦ୍ଧି

118. ଶ୍ରେଣୀକକ୍ଷରେ ଜଣେ ଦ୍ୱିତୀୟ ଶ୍ରେଣୀରେ ପଢ଼ାଉଥିବା ଶିକ୍ଷକ କିଛି ବସ୍ତୁର ନାମ ଉଲ୍ଲେଖ କରି ତା' ସାହାଯ୍ୟରେ ବସ୍ତୁଗୁଡ଼ିକୁ ଚିହ୍ନଟ କରିବାକୁ କହିଲେ । ଏପ୍ରକାରର କାର୍ଯ୍ୟ ଶିକ୍ଷାର୍ଥୀଙ୍କୁ ଲିଖିତ ଶବ୍ଦ ସହିତ ବସ୍ତୁର ପରିଚୟ ଦେବାରେ ସାହାଯ୍ୟ କରିଥାଏ । ଏ ପ୍ରକାରର କାର୍ଯ୍ୟ ଶିକ୍ଷାର୍ଥୀଙ୍କର _____ ବୃଦ୍ଧିରେ ସାହାଯ୍ୟ କରିଥାଏ ।

(1) ବ୍ୟାକରଣ ଜ୍ଞାନ

(2) ଲିଖନ କୌଶଳ

(3) ଶବ୍ଦ ଜ୍ଞାନ

(4) ହସ୍ତାକ୍ଷରର ସୌନ୍ଦର୍ଯ୍ୟ

119. ଜଣେ ଶିକ୍ଷାର୍ଥୀର ଭାଷା ଦକ୍ଷତାର ମୂଲ୍ୟାୟନରେ ଏଥିମଧ୍ୟରୁ କ'ଣ ଅଧିକ ଉପଯୋଗୀ ହୋଇ ନଥାଏ ?

(1) ଗଳ୍ପ କଥନ

(2) ଗଳ୍ପ ଲିଖନ

(3) ଘଟଣାର ବର୍ଣ୍ଣନା

(4) ଶ୍ରୁତ ଲିଖନ

120. ଶିକ୍ଷାର୍ଥୀଙ୍କର ଭାଷା ଦକ୍ଷତା ବୃଦ୍ଧି କରିବାରେ ଏଥିମଧ୍ୟରୁ କେଉଁଟି ଅଧିକ ଉପଯୋଗୀ ?

(1) ନିଜର ଏକ ପ୍ରିୟ ପୁସ୍ତକର ନାମ ଶିକ୍ଷାର୍ଥୀଙ୍କୁ ପଚାରିବା

(2) 'ପସନ୍ଦ' ବ୍ୟବହାର କରି ଏକ ବାକ୍ୟଗଠନ କରିବାକୁ କହିବା

(3) ଶିକ୍ଷାର୍ଥୀଙ୍କୁ ତାଙ୍କ ମା'ଙ୍କ ସହିତ ବାର୍ତ୍ତାଳାପ ପ୍ରସ୍ତୁତି କରିବାକୁ କହିବା

(4) ଶିକ୍ଷାର୍ଥୀ ପାଠ କରିଥିବା ଏକ କବିତାର କବିଙ୍କ ନାମ ପଚାରିବା

www.careerindia.com

CAREERINDIA

ପରୀକ୍ଷାର୍ଥୀ **ଭାଷା – II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – V** ରେ **(ପ୍ରଶ୍ନ ସଂଖ୍ୟା 121-150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V [Q. No. 121 – 150]**, if they have opted **ODIA** as **LANGUAGE – II** only.

www.careerindia.com

CAREERINDIA



ଭାଗ – V

ଭାଷା – II

ଓଡ଼ିଆ

| |
|---|
| ପରୀକ୍ଷାର୍ଥୀ ଭାଷା – **II** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **V** ରେ (ପ୍ରଶ୍ନ ସଂଖ୍ୟା **121-150**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ । |

**ନିମ୍ନ ଗଦ୍ୟାଂଶଟି ପାଠକରି ପ୍ରଶ୍ନ ସଂଖ୍ୟା 121-128 ର ଉତ୍ତର ପ୍ରଦାନ କର ।**

ସମାଜ ଦ୍ୱାରା ମାନବର ଆତ୍ମବିକାଶ ହୋଇଥାଏ । କୌଣସି ନୀରସ ଗୁରୁ-ଉପଦେଶ ପରି ଏହା ବାହାରୁ ଆସି ବ୍ୟକ୍ତିକୁ ଆକ୍ରମଣ କରେ ନାହିଁ । ବ୍ୟକ୍ତି ପକ୍ଷରେ ଏହା ଗୋଟିଏ ବନ୍ଧନ, ଶୃଙ୍ଖଳ, ନିୟମ; ଫଳତଃ ନିୟନ୍ତ୍ରଣ । କିନ୍ତୁ ଏହା ବ୍ୟକ୍ତିର ନିଜସ୍ୱ, ବ୍ୟକ୍ତି ଭିତରୁ ବିକଶିତ, ବ୍ୟକ୍ତି ପକ୍ଷରେ ଏହା ସ୍ୱାଭାବିକ । ଏଥିରେ ଶାସନ ଅଛି; ଯାତନା ନାହିଁ । ଯାତନା ଥିଲେ, ଏହାର ସ୍ୱଭାବ-ବିକାଶ ଅସମ୍ଭବ । ଏଥିରେ ବ୍ୟକ୍ତି ସଂକୁଚିତ ଓ ମ୍ରିୟମାଣ ହୁଏ ଏବଂ ବେଳେବେଳେ ଲୋପପାଏ । ବ୍ୟକ୍ତି ଲୋପ ପାଇଲେ ସମାଜ ବା ରହିବ କେଉଁଠାରେ ? ତାହା ରହେ ନାହିଁ; ସଭ୍ୟତା ଲୀନ ହୁଏ ।

ଏହିପରି ବାହାର ଆଦର୍ଶ ଅବଲମ୍ବନକରି ପୃଥିବୀରେ ବହୁ ସଭ୍ୟତାର ସରସ, ମୁକ୍ତ, ପ୍ରାକୃତ ପରମ୍ପରା ଛିନ୍ନ ହୋଇଅଛି । ବହୁ ଜାତି ଲୋପ ପାଇଅଛି ଏବଂ ପୃଥିବୀର ବହୁ ମୌଳିକତା ବିଲୁପ୍ତ ହୋଇଅଛି । ସମୂହଭାବରେ ପୃଥିବୀର ସଭ୍ୟତା ଦେଖିଲେ ସଂହତି ଜୀବନର ଆଦର୍ଶ; ଅର୍ଥାତ୍ ଜାତୀୟତାର ଭିତ୍ତିଭୂମି ବାରମ୍ବାର ପରିବର୍ତ୍ତିତ ହୋଇଅଛି । ସରଳ, ସ୍ୱାଧୀନ ଓ ପ୍ରାକୃତିକ ବିକାଶ ପ୍ରତାରିତ ଭାବରାଶିରେ ପ୍ଲାବିତ ହୋଇଅଛି । ଜଣେ ପ୍ରଖ୍ୟାତ ସମାଜତତ୍ତ୍ୱ-ସନ୍ଧିତ୍ସୁ ପାରିବାରିକ ଜୀବନରେ ଏହି ଜାତୀୟ ଭାବର ଆଦିମ ବିକାଶ ଅନୁଧାବନ କରିଅଛନ୍ତି । ବାସ୍ତବିକ ତାହାହିଁ ହୋଇଥିବ । ବ୍ୟକ୍ତିର ପ୍ରଥମ ଆତ୍ମପ୍ରସାର ପରିବାରରେ । ପରିବାର ହିଁ ସଂହତ ଜୀବନର ବୀଜ; ସମାଜ ଓ ଜାତିର ଆଦିସ୍ଥାନ । ଏହି ପରିବାରର ଶୁଭାଶୁଭ କଳ୍ପନାରେ ପ୍ରଥମେ ବ୍ୟକ୍ତିର ବିଶୃଙ୍ଖଳତା ନିୟମିତ ହୋଇଥିବ । ଆଜି ମଧ୍ୟ କେବଳ ପରିବାରରେ ଜାତୀୟତା ସୀମାବଦ୍ଧ ରହିବା ସମ୍ଭବ ନୁହେଁ ।

www.careerindia.com

CAREERINDIA



121. ଗଦ୍ୟାଂଶଟିର କେଉଁ ଶବ୍ଦ 'ଅବସନ୍ନ' ଅର୍ଥ ପ୍ରକାଶ କରିଥାଏ ?

(1) ମ୍ରିୟମାଣ

(2) ଆକ୍ରମଣ

(3) ଲୀନ

(4) ନିୟମିତ

122. 'ନୀରସ' ଶବ୍ଦର ବିପରୀତାର୍ଥକ ଶବ୍ଦଟି ହେବ ____

(1) ସାରାଂଶ

(2) ରସମୟ

(3) ସରସ

(4) ସାରସ

123. ମାନବର ଆତ୍ମବିକାଶ ଭାବରେ କାହାକୁ ଗ୍ରହଣ କରାଯାଇଥାଏ ?

(1) ସଭ୍ୟତାକୁ

(2) ପାରିବାରିକ ଜୀବନକୁ

(3) ବ୍ୟକ୍ତିର ବନ୍ଧନ ଓ ଶୃଙ୍ଖଳାକୁ

(4) ସମାଜକୁ

124. "ଏଥିରେ ଶାସନ ଅଛି; ଯାତନା ନାହିଁ" ____ ଏହା କାହା ସଂପର୍କରେ କୁହାଯାଇଛି ?

(1) ସମାଜ ସଂପର୍କରେ

(2) ମାନବ ସଂପର୍କରେ

(3) ମାନବର ଆତ୍ମବିକାଶ ସଂପର୍କରେ

(4) ସାମାଜିକ ଆଦର୍ଶ ସଂପର୍କରେ

125. "ଅନୁଧାବନ" ର ସମାର୍ଥକ ଶବ୍ଦଟି କ'ଣ ?

(1) ସହଗମନ

(2) ଅନୁକୂଳ

(3) ଅନୁକମ୍ପା

(4) ଅନୁସନ୍ଧାନ

126. "ଅନୁଧାବନ" ଶବ୍ଦର ଉପସର୍ଗଟି କ'ଣ ?

(1) ବନ

(2) ଅନୁ

(3) ଅଧା

(4) ଅନ

www.careerindia.com

CAREERINDIA



**127. କାହାକୁ ସମାଜ ଓ ଜାତିର ଆଦିସ୍ଥାନ ବୋଲି ମତବ୍ୟକ୍ତ କରାଯାଇଛି ?**

(1) ସାମାଜିକ ନିୟମ
(2) ପରିବାର
(3) ସଭ୍ୟତା
(4) ବ୍ୟକ୍ତିର ଆତ୍ମା

**128. ଅନେକ ସଭ୍ୟତାର ପ୍ରାକୃତ ପରଂପରା ଭିନ୍ନ ହୋଇଛି କିପରି ?**

(1) ଗୁରୁ ଉପଦେଶ ଗ୍ରହଣ ନ କରି
(2) ବାହାର ଆଦର୍ଶରେ ଅନୁପ୍ରାଣିତ ହୋଇ
(3) ଜାତୀୟତାରେ ପରିବର୍ତ୍ତନ ଆଣି
(4) ପାରିବାରିକ ଜୀବନରେ ଜାତୀୟଭାବ ଗ୍ରହଣ କରି

**ନିମ୍ନ ଗଦ୍ୟାଂଶଟି ପାଠକରି ପ୍ରଶ୍ନସଂଖ୍ୟା 129 ରୁ 135 ର ଉତ୍ତର ପ୍ରଦାନ କର ।**

କନ୍ୟାକୁମାରୀରେ ଛିଡ଼ାହୋଇ ଉତ୍ତରକୁ ଚାହିଁଲେ ଚକ୍ଷୁର ଶକ୍ତି ଯେତେ ଦୂର ଯାଏ, ସେତେଦୂର ପର୍ଯ୍ୟନ୍ତ ଦେଖାଯାଏ ପଶ୍ଚିମଘାଟର ନିରବଛିନ୍ନ ପର୍ବତମାଳା । କନ୍ୟାକୁମାରୀ ନିକଟରେ ଏହି ପର୍ବତମାଳା ପୂର୍ବେ ମଳୟାଦ୍ରି ନାମରେ ଅଭିହିତ ହେଉଥିଲା । ବର୍ତ୍ତମାନ ଏହାର ନାମ ହେଉଛି କାଡ଼ାମୁନ୍ ହିଲସ୍ । ମଳୟାଦ୍ରି ଉତ୍ତରକୁ ଲମ୍ବିଯାଇଛି, ଆଉ ପାଲାଘାଟ ଓ କୋଇମ୍ବାଟୁର୍ ନିକଟରେ ଦ୍ୱିଧା ହୋଇ ପୂର୍ବପଟରେ ଦର୍ଦ୍ଦୁର ପର୍ବତ ବା ଆଧୁନିକ ନୀଳଗିରି ଶୈଳଶ୍ରେଣୀ ସୃଷ୍ଟି କରିଛି । ସ୍ଥଳଭାଗର ପୂର୍ବପଟରେ ପର୍ବତମାଳାର ନିରବଛିନ୍ନ ନୀଳିମା ଓ ପଶ୍ଚିମପଟରେ ସମୁଦ୍ରକୁ ଲାଗି ତାଳ ଓ ନାରିକେଳ ବନର ଅପରିସୀମ ବିସ୍ତାର କନ୍ୟାକୁମାରୀରେ ଅପୂର୍ବ ପ୍ରାକୃତିକ ଶୋଭା ସୃଷ୍ଟିକରିଛି । ସ୍ଥଳ ଭାଗର ଏହି ଅପୂର୍ବ ଶୋଭା ଦେଖୁଁ ଦେଖୁଁ ସମୁଦ୍ର ଆଡ଼କୁ ଚାହିଁ ଦେଖିଲି ଯେ, ସେଠାରେ ଉଦୟ ଉତ୍ସବ ଲାଗିଯାଇଛି । ଚକ୍ରବାଳ ନିକଟରେ ଲୋଳ-ଲହରୀ ସହିତ ଲୁଚକାଳି ଖେଳି ଖେଳି ବାଳଭାନୁ ଉପରକୁ ଉଠି ଆସୁଛନ୍ତି ; ଆଉ ସଙ୍ଗେ ସଙ୍ଗେ ପାରାବାରର ଇନ୍ଦ୍ରନୀଳ-ବକ୍ଷ ସରସିଜ ରାଗରେ ରଞ୍ଜିତ ହୋଇଉଠୁଛି । କିନ୍ତୁ ଏଠାରେ ଯେଉଁ ତିନି ସିନ୍ଧୁର ମିଳନ ହୋଇଛି, ତାହାର ଚିହ୍ନ ନାହିଁ ? ପ୍ରକୃତରେ କୋଣସି ଚିହ୍ନ ଦେଖିବାକୁ ପାଇଲି ନାହିଁ । ତିନି ବାରିରାଶିର ସମନ୍ୱୟରେ ଯେଉଁ ମହାସମୁଦ୍ର ସୃଷ୍ଟି ହୋଇଛି, ତାହା ସବୁ ସମୁଦ୍ର ପରି ଏଠାରେ ମଧ୍ୟ ଲୋଳ, ଫେନିଳ, ଉଦ୍‌ବେଳ ଓ ମୁଖର ।

www.careerindia.com

CAREERINDIA



129. କନ୍ୟାକୁମାରୀ ନିକଟସ୍ଥ ପର୍ବତମାଳାର ପ୍ରାଚୀନ ନାମ କ'ଣ ଥିଲା ?

(1) କାଡ଼ାମୁନ୍ ହିଲ୍ସ

(2) ପଶ୍ଚିମଘାଟ ପର୍ବତ

(3) ମଳୟାଦ୍ରି

(4) ଇନ୍ଦ୍ରନୀଳ ପର୍ବତ

130. 'ନାରିକେଳ' ଶବ୍ଦର ଅର୍ଥ କ'ଣ ?

(1) ନଡ଼ିଆ

(2) କଳସ

(3) ଆକାଶ

(4) ପର୍ବତମାଳା

131. 'ଚକ୍ରବାଳ' ର ସମାନ ଅର୍ଥ ପ୍ରକାଶ କରୁଥିବା ଶବ୍ଦଟି କ'ଣ ?

(1) ଫେନିଳ

(2) ମହାକାଳ

(3) ମହାସମୁଦ୍ର

(4) ଦିଗ୍‌ବଳୟ

132. ଗଦ୍ୟାଂଶଟିରେ କେଉଁ ଶବ୍ଦ 'ଚଞ୍ଚଳ' ଅର୍ଥ ପ୍ରକାଶ କରିଥାଏ ?

(1) ଦ୍ୱିଧା

(2) ଲୋଳ

(3) ଅପୂର୍ବ

(4) ଫେନିଳ

133. ତିନି ଜଳରାଶିର ସମାରୋହରେ କାହାର ସୃଷ୍ଟି ?

(1) ଫେନିଳର

(2) ପର୍ବତମାଳାର

(3) ମହାସମୁଦ୍ରର

(4) ନୀଳଗିରି ଶୈଳଶ୍ରେଣୀର

134. 'କୃତ୍ରିମ' ଶବ୍ଦର ବିପରୀତାର୍ଥକ ଶବ୍ଦଟି କ'ଣ ?

(1) ବର୍ଦ୍ଧୁର

(2) ପ୍ରାକୃତିକ

(3) ଅପରିସୀମ

(4) ଉଦ୍‌ବେଳ

135. 'ବାଳଭାନୁ' କାହାକୁ କୁହାଯାଇଛି ?

(1) ପର୍ବତ ମାଳାକୁ

(2) ପ୍ରାକୃତିକ ଶୋଭାକୁ

(3) ସକାଳର ସୂର୍ଯ୍ୟକୁ

(4) ସମୁଦ୍ରର ଜଳ ଉପରେ ସୂର୍ଯ୍ୟଙ୍କର ପ୍ରତିବିମ୍ବକୁ

www.careerindia.com

CAREERINDIA



ନିର୍ଦ୍ଦେଶ : ଉପଯୁକ୍ତ ଅର୍ଥ ବାଛି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।

**136. ଶିଶୁର ଭାଷା ଆହରଣ ସମୟରେ ଏଥିମଧ୍ୟରୁ କେଉଁଟିର ଭୂମିକା ମୁଖ୍ୟ ?**

(1) ଶିକ୍ଷକ

(2) ପରିବାର

(3) ବିଦ୍ୟାଳୟ

(4) ଗଣମାଧ୍ୟମ

**137. ଏଥିମଧ୍ୟରୁ କେଉଁ ପଦ୍ଧତିର ସାର ହେବ ବ୍ୟାକରଣର ନିୟମ ମନେ ରଖିବା ?**

(1) ଗଠନାତ୍ମକ ପଦ୍ଧତି

(2) ପ୍ରତ୍ୟକ୍ଷ ପଦ୍ଧତି

(3) ବ୍ୟାକରଣ – ଅନୁବାଦ ପଦ୍ଧତି

(4) ପ୍ରାକୃତିକ ପଦ୍ଧତି

**138. ଭାଷାଶିକ୍ଷା ସମୟରେ ଏଥିମଧ୍ୟରୁ କେଉଁଟି ମୁଖ୍ୟ ନୁହେଁ ?**

(1) ପ୍ରେରଣା

(2) ଆତ୍ମ ବିଶ୍ୱାସ

(3) ଶିକ୍ଷଣ ଆଗ୍ରହ

(4) ଅନୁବାଦ

**139. ପିଲାମାନଙ୍କୁ ଲିଖନ ଶିଖାଇବା ବେଳେ ଆପଣ ଜଣେ ଶିକ୍ଷକ ଭାବରେ କ'ଣ କରାଇବେ ?**

(1) ଶିକ୍ଷାର୍ଥୀଙ୍କୁ ସେ ଭାଷାରେ ବର୍ଣ୍ଣମାଳା ଲେଖିବାକୁ କହିବା

(2) ଶିକ୍ଷାର୍ଥୀଙ୍କୁ ତାଙ୍କର ବିଚାର ଲେଖିବାକୁ କହିବା

(3) ଶିକ୍ଷାର୍ଥୀ ପ୍ରଥମେ ବିଷୟଟି ମନେରଖି ପରେ ତାକୁ ସୁନ୍ଦର ହସ୍ତାକ୍ଷରରେ ଲେଖିବାପାଇଁ କହିବା

(4) ଶିକ୍ଷାର୍ଥୀଙ୍କୁ ବ୍ଲାକ୍‌ବୋଡ଼ରୁ ଦେଖି ଅକ୍ଷରଗୁଡ଼ିକୁ ଲେଖିବାର ସୁଯୋଗ ଦେବା

**140. ଏଥିମଧ୍ୟରୁ କେଉଁଟି ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷା–ଶିକ୍ଷଣ ସାମଗ୍ରୀ (TLM) ସ୍ଥିର କରିବାରେ ମୁଖ୍ୟତଃ ସହାୟକ ହୋଇଥାଏ ?**

(1) ଏହା ନିକଟବର୍ତ୍ତୀ ବଜାରରେ ମିଳୁଥିବା ଆବଶ୍ୟକ

(2) ଏହାର ମୂଲ୍ୟ ଅଧିକ ନହେବା ଉଚିତ୍

(3) ଏହା ଶିକ୍ଷାର୍ଥୀଙ୍କଦ୍ୱାରା ହିଁ ପ୍ରସ୍ତୁତ ହେବା ଆବଶ୍ୟକ

(4) ଏହା ପରିସ୍ଥିତି ସହ ଖାପ ଖୁଆଇ ସଂଗଠିତ ଭାବରେ ବ୍ୟବହାର ଉପଯୋଗୀ ହେବା ବିଧେୟ

www.careerindia.com

CAREERINDIA



**141. ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କର କେତେକ ଫୋନିମ୍ ଉଚ୍ଚାରଣ କରିବାରେ ଅସୁବିଧା ଦେଖାଦେଇଥାଏ । ଏଥିମଧ୍ୟରୁ କେଉଁ ବ୍ୟବସ୍ଥାଦ୍ୱାରା ଶିକ୍ଷାର୍ଥୀଙ୍କ ଅସୁବିଧା ଦୂର କରାଯାଇପାରିବ ?**

(1) କୌଣସି ଫୋନିମ୍‌ର ଉଚ୍ଚାରଣ କଲାବେଳେ ବ୍ୟବହୃତ ମୁଖଗହ୍ୱରର ବିଭିନ୍ନ ଅଙ୍ଗ ସଂପର୍କରେ ଉଦାହରଣ ଦେଇ କହିବା ।

(2) ଯୁଗ୍ମଶବ୍ଦ କିମ୍ବା ଧ୍ୱନିମେଳଥିବା ଶବ୍ଦ ଉଚ୍ଚାରଣ କରି ଶିକ୍ଷାର୍ଥୀଙ୍କୁ ଶବ୍ଦରେ ଥିବା ଫୋନିମ୍ ବାଛିବାକୁ କହିବା ।

(3) ପାଠ୍ୟକୁ ଉଚ୍ଚସ୍ୱରରେ ପାଠ କରି ତା ମଧ୍ୟରେ ଥିବା ଫୋନିମ୍‌ର ବ୍ୟବହାର ସଂପର୍କରେ ଅବଗତ କରାଇବା ।

(4) ଡ୍ରିଲ୍ ଓ ଅଭ୍ୟାସ ଦ୍ୱାରା ଶିକ୍ଷାର୍ଥୀ ବାରମ୍ବାର ଉଚ୍ଚାରଣ କରିବା ଫଳରେ ଅସୁବିଧା ଆପେ ଆପେ ଦୂର ହୋଇଯାଇଥାଏ ।

**142. ଯେଉଁ ଶିକ୍ଷଣ ପଦ୍ଧତିରେ ବ୍ୟାକରଣ ନିୟମ ଉପରେ ଗୁରୁତ୍ୱ ଦେବାକୁ ଯାଇ ଅନେକ ଉଦାହରଣ ପ୍ରଦାନ କରାଯାଇଥାଏ ?**

(1) ଆଗମନ ପଦ୍ଧତି

(2) ନିଗମନ ପଦ୍ଧତି

(3) ବ୍ୟାକରଣ – ଅନୁବାଦ ପଦ୍ଧତି

(4) ପ୍ରତ୍ୟକ୍ଷ ପଦ୍ଧତି

**143. ଜଣେ ଶିକ୍ଷାର୍ଥୀ କିପରି ଭାଷା ଆହରଣ କରିଥାନ୍ତି ?**

(1) ପ୍ରାକୃତିକ ପରିବେଶରେ କଥୋପକଥନ ମାଧ୍ୟମରେ

(2) ଭାଷାର ଗଠନ ସଂପର୍କରେ ଆଲୋଚନା କରି

(3) ସେ ଭାଷାର ସାହିତ୍ୟ ପାଠ କରି

(4) ସେ ଭାଷାଭାଷୀଙ୍କର ସଂସ୍କୃତି ସଂପର୍କରେ ଅବଗତ ହୋଇ

**144. 'ମଟର୍ ସ୍କିଲ୍' ର ବୃଦ୍ଧିର କେଉଁଟି ଏକ ଉଦାହରଣ ?**

(1) ଚଢ଼ିବା

(2) ଡ଼େଇଁବା

(3) ଲିଖନ

(4) ପଠନ

**145. ଏଥିମଧ୍ୟରୁ ଶିକ୍ଷକ ପଚାରିଥିବା କେଉଁ ପ୍ରଶ୍ନଟି ଶ୍ରେଣୀକକ୍ଷରେ ବହୁଭାଷିକତାର ପ୍ରଚାରରେ ସହାୟକ ହୋଇଥାଏ ?**

(1) ବେଲୁନ୍ କେତେ ଉପରକୁ ଉଡ଼ିପାରେ ?

(2) ନିଜଭାଷାରେ ବିଭିନ୍ନ ପ୍ରକାରର ପନି ପରିବାର ନାମ କ'ଣ ?

(3) ତୁମର ଏକ ପୋଷା ପ୍ରାଣୀ ଅଛି କି ?

(4) ତୁମେ ଚିଠି ଲେଖିଛ କି ?

www.careerindia.com

CAREERINDIA



146. ଛନ୍ଦ ମେଳ ଥିବା ପଦ୍ୟ (Rhymes) ର ବ୍ୟବହାର ଶିକ୍ଷାର ପ୍ରାଥମିକ ସ୍ତରରେ କରାଯାଇଥାଏ । କାରଣ ତାହାଦ୍ୱାରା _____

(1) ଲକ୍ଷ୍ୟଭାଷାରେ କହିବାକୁ ଶିକ୍ଷାର୍ଥୀ ସୁଯୋଗ ପାଇଥାନ୍ତି

(2) ଶିକ୍ଷାର୍ଥୀ ଶୃଙ୍ଖଳତା ଅବଲମ୍ବନ କରିଥାନ୍ତି

(3) ଲକ୍ଷ୍ୟଭାଷାର ବ୍ୟାକରଣ ଶିକ୍ଷା କରିବାରେ ଏହା ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିଥାଏ

(4) କଠିନ ଶବ୍ଦପଢ଼ି ତାକୁ ବାକ୍ୟରେ ବ୍ୟବହାର କରିବାରେ ଏହା ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିଥାଏ

147. ଜଣେ ଶିକ୍ଷକ ଶ୍ରେଣୀରେ ଶ୍ରବଣ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥିର କଲେ । ସେ କେତେକ ମନମନ୍ଥନକାରୀ କାର୍ଯ୍ୟ ଦେବାକୁ ସ୍ଥିରକଲେ ଯାହାଫଳରେ ଶିକ୍ଷାର୍ଥୀ କେତେକ ସମସ୍ୟାମୂଳକ ପ୍ରଶ୍ନ ପ୍ରତି ଆଗ୍ରହୀ ହୋଇ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିବେ । ଏଗୁଡ଼ିକୁ ____ କୁହାଯାଏ ।

(1) ଶ୍ରବଣ ପୂର୍ବ କାର୍ଯ୍ୟ

(2) ଶ୍ରବଣ ସମୟର କାର୍ଯ୍ୟ

(3) ଶ୍ରବଣପର କାର୍ଯ୍ୟ

(4) ଶ୍ରବଣକାର୍ଯ୍ୟ ପରେ ପୁନରାବୃତ୍ତି

148. ଭାଷା ଶିକ୍ଷା ଶ୍ରେଣୀ କକ୍ଷରେ ଛବି ବା ପୋଷ୍ଟର ବ୍ୟବହାର ସଂପର୍କରେ ଏଥିମଧ୍ୟରୁ କେଉଁଟି ସତ୍ୟ ନୁହେଁ ?

(1) ଏହା ଶିକ୍ଷାର୍ଥୀଙ୍କୁ ଛବି ନିରିକ୍ଷଣ କରିବାର ସୁଯୋଗ ଦେଇଥାଏ

(2) ଏହା ଶିକ୍ଷାର୍ଥୀଙ୍କୁ ନିଜ ସଂପର୍କରେ କହିବା ସହିତ ଛବି ବିଷୟରେ କିଛି ଲେଖିବାର ସୁଯୋଗ ଦେଇଥାଏ

(3) ଶିକ୍ଷାର୍ଥୀଙ୍କର ମାନସିକ ଜଗତରେ ଏହା ସ୍ଥାନ ଦେବା ସଂଗେ ସଂଗେ ଶ୍ରେଣୀକକ୍ଷରେ ତାଙ୍କର ସୃଜନଶୀଳତା ଦର୍ଶାଇବାର ସୁଯୋଗ ଦେଇଥାଏ

(4) ଶିକ୍ଷାର୍ଥୀଙ୍କର ଲିଖନ କୌଶଳ ବୃଦ୍ଧି କରାଇବାରେ ଏହା ସୁଯୋଗ ଦେଇଥାଏ

149. ସ୍ୱାକ୍ଷରତା ସ୍ତରର ଉଦ୍‌ଗମନ କାଳରେ ଲିଖନ ମଧ୍ୟରେ _____ ଦେଇଥାଏ ।

(1) ଅକ୍ଷର ଲିଖନ

(2) ଶବ୍ଦ ଲିଖନ

(3) ବାକ୍ୟ ଗଠନ

(4) ଚିତ୍ରାଙ୍କନ

150. ଶିକ୍ଷାର୍ଥୀ କିପରି ଭାଷାର ବ୍ୟବହାର କରୁଛନ୍ତି ତା'ର ମୂଲ୍ୟାୟନ ସମୟରେ ଏଥିମଧ୍ୟରୁ କେଉଁଟି ଅଧିକ ଉପଯୋଗୀ ?

(1) ଚେକ୍‌ଲିଷ୍ଟ

(2) ରେଟିଙ୍ଗ୍ ସ୍କେଲ

(3) ପୋର୍ଟଫୋଲିଓ

(4) ଇଣ୍ଟରଆକ୍ସନ୍

www.careerindia.com

## SPACE FOR ROUGH WORK

CAREERINDIA



**ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :**

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟ୍ରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

www.careerindia.com

CAREERINDIA



**निम्नलिखित निर्देशों को ध्यान से पढ़ें :**

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें ।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉल पॉइन्ट पेन** से भरें । एक बार उत्तर अंकित करने के बाद उसे बदला नहीं जा सकता है ।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें ।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
5. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
6. OMR उत्तर पत्र में कोडित जानकारी को एक मशीन पढ़ेगी । इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए ।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
8. मोबाइल फोन, बेतार संचार युक्तियाँ (स्वीच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए । इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित ।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
11. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अंगूठे का निशान हाज़िरी-पत्र में दिए गए स्थान पर अवश्य लगाएँ ।**
12. इलेक्ट्रॉनिक / हस्तचालित परिकलक का उपयोग वर्जित है ।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
14. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
15. **परीक्षा सम्पन्न होने पर, परीक्षार्थी हॉल / कक्ष छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें । परीक्षार्थी अपने साथ इस परीक्षा पुस्तिका को ले जा सकते हैं ।**

**READ THE FOLLOWING INSTRUCTIONS CAREFULLY:**

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his / her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his / her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic / Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***

www.careerindia.com